## ସଂକ୍ଷେପରେ

### ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନ ମାମଲା
## ବିଧାୟକ ସଞ୍ଜୀବ ମଲ୍ଲିକଙ୍କୁ ନୋଟିସ

କଟକ,୫।୯ (କାର୍ତ୍ତିକ ସାହୁ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାନସଭା ଆସନରେ ନିର୍ବାଚନ ଅନିୟମିତତା ନେଇ ରୁଜୁ ମାମଲାରେ ହାଇକୋର୍ଟ ବିଧାୟକ ସଞ୍ଜୀବ ମଲ୍ଲିକଙ୍କୁ ଗୁରୁବାର ନୋଟିସ କରିଛନ୍ତି। ବିଧାୟକ ମଲ୍ଲିକ ସତ୍ୟପାଠ ଠିକ୍ ଭାବେ ପୂରଣ ନ କରିବା, ଭୁଲ୍ ତଥ୍ୟ ପ୍ରଦାନ କରିଥିବା ଅଭିଯୋଗ ଆଣି ସ୍ଥାନୀୟ ଭୋଟର ଜଗବନ୍ଧୁ ଦାସ ହାଇକୋର୍ଟରେ ମାମଲା ଦାୟର କରିଛନ୍ତି। ଆବେଦନକାରୀ ଅଦାଲତଙ୍କୁ ଦର୍ଶାଇଛନ୍ତି, ବିଧାୟକ ମଲ୍ଲିକଙ୍କ ନାମରେ ପୂର୍ବରୁ ଆପରାଧିକ ମାମଲା ସଂକ୍ରାନ୍ତରେ ନିୟମ ମୁତାବକ ୩ ଥର ଇଂଲିଶ ଖବରକାଗଜରେ ପ୍ରକାଶ କରିନାହାନ୍ତି। ସତ୍ୟପାଠରେ ତ୍ରୁଟି ରହିଥିବାବେଳେ ପ୍ରଦାନ କରିଥିବା ବ୍ୟାଙ୍କ ଆକାଉଣ୍ଟ ନମ୍ବର ଠିକ୍ ନାହିଁ। ଏହି ଆବେଦନକୁ ହାଇକୋର୍ଟ ଗ୍ରହଣ କରି ତାଙ୍କ ବିଧାୟକ ପଦ ରଦ୍ଦ କରିବା ଲାଗି ନିର୍ଦ୍ଦେଶ ଦେବାକୁ ଆବେଦନାରୀ ପ୍ରାର୍ଥନା କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ସୂର୍ଯ୍ୟକାନ୍ତ ଦାସ ମହାପାତ୍ର ଓ ସୁବାସ ମହାପାତ୍ର ମାମଲା ପରିଚାଳନା କରୁଛନ୍ତି।

## ଛେଳି ଚୋରି ଅଭିଯୋଗରେ ୨ ଯୁବକ ଗିରଫ

ତିହିଡ଼ି,୫।୯(ସଞ୍ଜିତ ବଳ)

ତିହିଡ଼ି ବ୍ଲକ ପିରହାଟ ଥାନା ଅଧୀନ ସନ୍ଦକପୁର ଗ୍ରାମର ଜଣେ ବ୍ୟକ୍ତିଙ୍କ ଛେଳି ଚୋରି କରିବା ସହିତ ବିଭିନ୍ନ ଅଞ୍ଚଳରେ ଚୋରି ସହ ସମ୍ପୃକ୍ତ ଥିବା ଅଭିଯୋଗରେ ପୋଲିସ ୨ ଯୁବକଙ୍କୁ ଗୁରୁବାର ଗିରଫ ପରେ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବାମନବିନ୍ଧା ଗ୍ରାମର ଗୋପବନ୍ଧୁ ଦାସ ଓ ଚନ୍ଦ୍ରକାଟବିନ୍ଧା ଗ୍ରାମର ନୀଳମଣି ରାଉତ। ତେବେ ଚୋରି ସହ ସମ୍ପୃକ୍ତ ଅନ୍ୟ ୨ଜଣ ନାବାଳକଙ୍କୁ ପୋଲିସ କୋର୍ଟରେ ହାଜର କରିଥିବା ଜଣାପଡ଼ିଛି। ଏହି ଯୁବକ ଓ ନାବାଳକମାନେ ବିଚିତ୍ର ବାରିକଙ୍କ ଛେଳି ଚୋରି କରିବା ସହ ବିଭିନ୍ନ ସ୍ଥାନରେ ଚୋରି ସହ ସମ୍ପୃକ୍ତ ଥିବା ପୋଲିସ ସୂଚନା ଦେଇଛି। ବିଚିତ୍ରଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ ୨୦୨/୨୪)ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

## ଦୁଇ ପରିବାର ମଧ୍ୟରେ ସଂଘର୍ଷ, ୩ ଆହତ

ଭଣ୍ଡାରିପୋଖରୀ,୫।୯(ରାଜେନ୍ଦ୍ର ଶତପଥି)

ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଷୋଳମପୁର ପଞ୍ଚାୟତ ଦାଣ୍ଡକୂଳରେ ଗତ ବୁଧବାର ଅପରାହ୍ନରେ ୨ ପରିବାର ମଧ୍ୟରେ ସଂଘର୍ଷ ଘଟି ୩ ଜଣ ଆହତ ହୋଇଛନ୍ତି। ଗ୍ରାମର ପଦ୍ମଲୋଚନ ରାଉତ ଓ ବିଶ୍ୱନାଥ ରାଉତଙ୍କ ମଧ୍ୟରେ ନଳକୂପ ଜଳ ଓ ଛାତରୁ ନିର୍ଗତ ବର୍ଷାଜଳ ନିଷ୍କାସନକୁ କେନ୍ଦ୍ର କରି ବିବାଦ ଲାଗି ରହିଥିଲା। ବୁଧବାର ଏହା ଉଗ୍ର ରୂପ ନେଇ ଆକ୍ରମଣ ଓ ପ୍ରତି ଆକ୍ରମଣ ହୋଇଥିଲା। ଏଥିରେ ପଦ୍ମଲୋଚନ ରାଉତ, ସୁରେଶ ରାଉତ ଓ ଲକ୍ଷ୍ମୀପ୍ରିୟା ରାଉତ ଆହତ ହୋଇ ପ୍ରଥମେ ଯାଜପୁର ଓ ପରେ କଟକରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ସସ୍ମିତା ରାଉତଙ୍କ ଅଭିଯୋଗକ୍ରମେ ଥାନାରେ ୯ଜଣଙ୍କ ନାମରେ ମାମଲା (ନଂ.୩୬୬/୨୪) ରୁଜୁ ହୋଇଛି। ସେହିପରି ସୌଦାମିନୀ ରାଉତଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା (ନଂ. ୩୬୮/୨୪) ରୁଜୁ ହୋଇଛି। ଉଭୟ ମାମଲାରେ କୌଣସି ଅଭିଯୁକ୍ତ ଗିରଫ ହୋଇ ନ ଥିବା ଜଣାପଡ଼ିଛି।

# ଥାନା ଘେରାଉ କଲେ ଗ୍ରାମବାସୀ



ପିରହାଟ ଥାନା ସାମ୍ନାରେ ବିକ୍ଷୋଭ କରୁଥିବା ସାମନ୍ତରାୟପୁର ଗ୍ରାମବାସୀ।

ତିହିଡ଼ି,୫।୯(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ପିରହାଟ ଥାନା ଜାମଯୋଡ଼ି ପଞ୍ଚାୟତ ଅଧୀନ ସାମନ୍ତରାୟପୁର ଗ୍ରାମର ଅଧିବାସୀମାନେ ଗୁରୁବାର ପିରହାଟ ଥାନା ଘେରାଉ କରିବା ସହିତ ଥାନା ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରୁ ଗତ କିଛି ଦିନ ପୂର୍ବେ ୮୦ହଜାର ଟଙ୍କା ଚୋରି ହୋଇଥିବା ଘଟଣାରେ ପୋଲିସ ଚୋରଙ୍କୁ ଧରିବାରେ ବିଫଳ ହୋଇଥିବାରୁ ଏହାର ପ୍ରତିବାଦରେ ଗ୍ରାମବାସୀଙ୍କ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଗ୍ରାମବାସୀମାନେ ପିରହାଟ ବଜାରରୁ ଏକ ଶୋଭାଯାତ୍ରାରେ ବାହାରି ଥାନା ପାଖରେ ପହଞ୍ଚିବା ପରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ସିପିଆଇ ନେତା ସନ୍ତଚରଣ ବିଶ୍ୱାଳଙ୍କ ପୌରୋହିତ୍ୟରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଜାମଯୋଡ଼ି ସରପଞ୍ଚ ପ୍ରଶାନ୍ତ ବିଶ୍ୱାଳ, ପୂର୍ବତନ ସରପଞ୍ଚ ସୁଦର୍ଶନ ବିଶ୍ୱାଳଙ୍କ ସମେତ ନୀଳମାଧବ ନାୟକ, କାହ୍ନୁଚରଣ ସେଠୀ, ବସନ୍ତ ନାୟକ, ବିଚିତ୍ର ବଳ ପ୍ରମୁଖ ଏଥିରେ ଯୋଗ ଦେଇ ପୋଲିସର ନିଷ୍କ୍ରିୟତା ବିରୋଧରେ ବକ୍ତବ୍ୟ ଦେବା ସହ ତୁରନ୍ତ ଚୋରଙ୍କୁ ଧରିବା ଦିଗରେ ପଦକ୍ଷେପ ନେବାକୁ ଦାବି ଜଣାଇଥିଲେ।

ସୂଚନାଯୋଗ୍ୟ, ସାମନ୍ତରାୟପୁର ଗ୍ରାମର ହୃଦାନନ୍ଦ ନାୟକଙ୍କ ଘରୁ କିଛି ଦିନ ପୂର୍ବେ ୮୦ହଜାର ଟଙ୍କା ଚୋରି ହୋଇଥିଲା। ଏହାର କିଛି ଦିନ ପରେ ପୁଣି ଚୋରମାନେ ତାଙ୍କ ଘରେ ପଶି ଚୋରି କରିବାକୁ ଉଦ୍ୟମ କରୁଥିବା ବେଳେ ପରିବାର ଲୋକ ଉଠି ପଡ଼ିବାରୁ ସେମାନେ ଖସି ପଳାଇଥିଲେ। ତେବେ ହୃଦାନନ୍ଦଙ୍କ ପରିବାର ଲୋକେ ଚୋରଙ୍କୁ ଦେଖିଥିବାରୁ ତାଙ୍କ ନାଁରେ ଥାନାରେ ଅଭିଯୋଗ

### ଚୋରି ଘଟଣାରେ ଅଭିଯୁକ୍ତଙ୍କୁ ଧରୁନି ପୋଲିସ

କରିଥିଲେ। ପୋଲିସ ଏହି ଘଟଣାରେ ଏକ ମାମଲା(ନଂ.୧୯୭/୨୪)ରୁଜୁ କରିଥିଲେ ମଧ୍ୟ ଚୋରଙ୍କୁ ଧରିବାରେ ବିଫଳ ହୋଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେମାନେ ଗତ ମାସ ୨୭ତାରିଖରେ ଏ ସମ୍ପର୍କରେ ଜିଲାପାଳ, ଏସ୍‌ପି, ପିରହାଟ ଥାନା ଆଇଆଇସି ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଚୋରଙ୍କୁ ଗିରଫ କରା ନ ଗଲେ ଥାନା ଘେରାଉ କରିବେ ବୋଲି ଚେତାବନୀ ଦେଇଥିଲେ। ଏହି ବିକ୍ଷୋଭରେ ଅନ୍ୟମାନଙ୍କ ମଧ୍ୟରେ ମନ୍ମଥ ନାୟକ, କୈଳାସ ବାରିକ, ପ୍ରଶାନ୍ତ ବଳ, ଉମାକାନ୍ତ ତ୍ରିପାଠୀ, ବିଜୟ କୁମାର ନାୟକ, ତିଳୋତ୍ତମା ନାୟକ, ଭାରତୀ ତ୍ରିପାଠୀ, କନକଲତା ନାୟକ, ପ୍ରମିଳା ଜେନା ପ୍ରମୁଖ ସାମିଲ ହୋଇଥିଲେ। ଏସ୍‌ଆଇ ସୁପ୍ରକାଶ ମହାନ୍ତି ୭ଦିନ ମଧ୍ୟରେ ଚୋରଙ୍କୁ ଗିରଫ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

## ବ୍ଲକ୍‌ସ୍ତରୀୟ ଶିକ୍ଷକ ସମାବେଶ


ଶିକ୍ଷକ ସମାବେଶରେ ଉପସ୍ଥିତ ଅତିଥି।

ଚାନ୍ଦବାଲି,୫।୯(କିଷାନ ପାତ୍ର )

ଭଦ୍ରକ ଜିଲା ଚାନ୍ଦବାଲି ପ୍ରାଥମିକ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ଗୁରୁଦିବସ ଉପଲକ୍ଷେ ବ୍ଲକ୍‌ସ୍ତରୀୟ ୧୪ତମ ଶିକ୍ଷକ ସମାବେଶ ଓ ସମ୍ବର୍ଦ୍ଧନା ସମାରୋହ–୨୦୨୪ ଶିକ୍ଷକ ଭବନ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ପ୍ରଦୀପ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଚାନ୍ଦବାଲି ତହସିଲଦାର ଅଶ୍ୱିନୀ ଭୂୟାଁ, ମୁଖ୍ୟବକ୍ତା ଗ୍ରନ୍ଥକାର ଓ ସାହିତ୍ୟିକ ପ୍ରଫୁଲ୍ଲ ଦାସ, ଅନ୍ୟତମ ଅତିଥି ଉପଦେଷ୍ଟା ଦେବବ୍ରତ ରାଉତ, ଶିକ୍ଷକ ନେତା ଶଶିକାନ୍ତ ସାହୁ, କେଦାରନାଥ ରାଉଳ ପ୍ରମୁଖ ଯୋଗଦେଇ ଶିକ୍ଷା ବ୍ୟବସ୍ଥାର ମୁଖ୍ୟବିନ୍ଧଣୀ ସମାଜର ଦୂରଦ୍ରଷ୍ଟା ଓ ଉପଦେଷ୍ଟା ଶିକ୍ଷକମାନଙ୍କର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଶିକ୍ଷକ ଶିବବ୍ରତ ରାଉତ ଅତିଥି ପରିଚୟ, ସମିତିର ସମ୍ପାଦକ ପ୍ରକାଶ ନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଚାନ୍ଦବାଲି କଳାବିକାଶ କେନ୍ଦ୍ର ପକ୍ଷରୁ ସତ୍ୟବ୍ରତ ଦାସ ଓ ତାଙ୍କ ସାଥି କଳାକାରମାନେ ଗୁରୁବନ୍ଦନା ପରିବେଷଣ କରିଥିଲେ। ବ୍ଲକ୍‌ର ଅବସରପ୍ରାପ୍ତ ଶିକ୍ଷକ ଅଭିରାମ ରାଉତ, ଗଦାଧର ନାୟକ, ବିକାଶ ସାହୁ, ଶାନ୍ତିଲତା ସେଠୀ, ରଘୁନାଥ ସେଠୀ, ମୁରଲୀଧର ଧଳ, ଭାସ୍କର ଖିଲାରଙ୍କ ସମେତ ୧୧ ଜଣ ଶିକ୍ଷାବିତ୍‌ଙ୍କୁ ମାନପତ୍ର, ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବାସନ୍ତୀ ସେଠୀ, କମଳିନୀ ଦଳାଇ, ଆନନ୍ଦ ମହାଳିକ, ଅଶୋକ ଦାଶ, ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଜୟନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅକ୍ଟୋବର ୬ ରୁ ୧୦ ମଧ୍ୟରେ ଭସାଣି, ବାଜିବନି ଡିଜେ


ଗଣେଶ ପୂଜା ପ୍ରସ୍ତୁତି ବୈଠକରେ କମିଟି ସଦସ୍ୟ ଓ ଅଧିକାରୀ।

### ଗଣେଶ ପୂଜା ଉପଲକ୍ଷେ ପ୍ରଶାସନିକ ପ୍ରସ୍ତୁତି ବୈଠକ

ଭଦ୍ରକ,୫।୯(ସନାତନ ରାଉତ)– ଭଦ୍ରକ ଜିଲାରେ ପ୍ରାୟ ମାସେ ଧରି ପାଳନ କରାଯାଉଥିବା ପ୍ରସିଦ୍ଧ ଗଣେଶ ପୂଜା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ସନ୍ଧ୍ୟାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଦିଲୀପ ରାଉତରାଏଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ବୈଠକରେ ଏସ୍‌ପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପଜିଲାପାଳ ମନୋଜ ପାତ୍ର, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ୭ ତାରିଖ ଶନିବାରଠାରୁ ଭଦ୍ରକର ପ୍ରସିଦ୍ଧ ବୁଢ଼ା ଗଣେଶ, ପିଲା ଗଣେଶ, କାଞ୍ଚନ ଗଣେଶ, ଟୋକା ଗଣେଶ ଓ ଛୁଆ ଗଣେଶଙ୍କ ପୂଜା ଆରମ୍ଭ ହୋଇ ପ୍ରାୟ ଏକମାସ ପର୍ଯ୍ୟନ୍ତ ମଣ୍ଡପରେ ପୂଜା ପାଇବେ। ଏହି ପୂଜାରେ ଡିଜେ ବ୍ୟବହାର କରା ନ ଯିବା ପ୍ରସ୍ତାବ ସମସ୍ତ ପୂଜା କମିଟି ଦ୍ୱାରା ଅନୁମୋଦିତ ହୋଇଥିଲା। ଭସାଣିରେ ପାରମ୍ପରିକ ବାଦ୍ୟ ବ୍ୟବହାର କରାଯିବା ନେଇ ପୂଜା କମିଟିର କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ଅକ୍ଟୋବର ୬ରେ ପ୍ରଥମେ ବୁଢ଼ା ଗଣେଶଙ୍କ ଭସାଣି ଓ ପରେ ଅନ୍ୟ ସମସ୍ତ ମେଢ଼ର ଭସାଣି କ୍ରମାନୁସାରେ କରାଯିବ। ୭ରେ ପିଲା ଗଣେଶ, ୮ରେ ଟୋକା ଗଣେଶ, ୯ରେ କାଞ୍ଚନ ଗଣେଶ ଏବଂ ୧୦ରେ ଛୁଆ ଗଣେଶଙ୍କ ଭସାଣି ହେବା ନେଇ କାର୍ଯ୍ୟସୂଚୀ ବୈଠକରେ ଅନୁମୋଦିତ ହୋଇଥିଲା। ପୂଜା ସମୟରେ ଆବଶ୍ୟକ ପୋଲିସ୍ ମୁତୟନ, ଜନ ଗହଳି ଓ ଟ୍ରାଫିକ୍ ନିୟନ୍ତ୍ରଣ, ପୋଲିସ୍, ପାଟ୍ରୋଲିଂ, ବିଦ୍ୟୁତ୍ ଓ ଅଗ୍ନି ନିରାପତ୍ତା, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ପ୍ରତି ମଣ୍ଡପରେ ସିସିଟିଭି କ୍ୟାମେରା, ରାସ୍ତା ଆଲୋକୀକରଣ, କଳସ ବୁଢ଼ା ଘାଟ ପରିଷ୍କାର ଆଦି ସମ୍ବନ୍ଧରେ ସମୀକ୍ଷା କରାଯାଇ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଭସାଣିଯାତ୍ରା ପାଇଁ ଆମ୍ବୁଲାନ୍ସ ବ୍ୟବସ୍ଥା, ପୋଲିସ ବ୍ୟବସ୍ଥା, ଶୋଭାଯାତ୍ରାରେ କୌଣସି ପ୍ରକାର ଅଗ୍ନିଖେଳ ପ୍ରଦର୍ଶନ ନ କରିବା, ଅବକାରୀ ଧରପଗଡ଼, ମେଢ଼ ନ ଲାଗିବା ପାଇଁ ଡାଳ କଟାଯିବା ଉପରେ ଆଲୋଚନା କରାଯାଇଥିଲା। ଏହି ପର୍ବ ପାଳନରେ ମୁସଲିମ୍ ଜମାତ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବା ନେଇ ବୈଠକର ଉପସ୍ଥିତ ସଦସ୍ୟ ପ୍ରକାଶ କରିଥିଲେ। ସମ୍ପୃକ୍ତ ପୋଲିସ ଓ ବିଭାଗୀୟ ଅଧିକାରୀ, ଶାନ୍ତି କମିଟିର ସଦସ୍ୟ, ସମ୍ପୃକ୍ତ ୫ଟି ପୂଜା କମିଟିର ସଭାପତି, ସମ୍ପାଦକ ଓ କର୍ମକର୍ତ୍ତାମାନେ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ମତାମତ ରଖିଥିଲେ। ଉପଜିଲାପାଳ ପାତ୍ର ଧନ୍ୟବାଦ ଦେଇଥିଲେ।

## କଂଗ୍ରେସରୁ ଇସ୍ତଫା ଦେଲେ ପୂର୍ବତନ କୃଷକ ସେଲ୍ ସଭାପତି

ବନ୍ତ,୫।୯(ହରି ନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ୍ ଗୋପିନାଥପୁର ପଞ୍ଚାୟତର ବରିଷ୍ଠ କଂଗ୍ରେସ ନେତା ତଥା ବ୍ଲକ୍ କଂଗ୍ରସର ପୂର୍ବତନ କୃଷକ ସେଲର ସଭାପତି ସୁବାଷ ଚନ୍ଦ୍ର ପଣ୍ଡା କଂଗ୍ରେସ ଦଳରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫା ପତ୍ର ବ୍ଲକ୍ କଂଗ୍ରେସ ସଭାପତି ରାଜ କିଶୋର ସ୍ୱାଇଁଙ୍କୁ ପଠାଇ ଥିବା ବେଳେ ଦଳରେ ତାଙ୍କୁ କାର୍ଯ୍ୟ କରିବାକୁ ସୁଯୋଗ ଦିଆ ନ ଯିବା, ଦଳର ନେତୃବୃନ୍ଦ ଆଗକୁ ତୃଣମୂଳ ସ୍ତରରେ କର୍ମୀମାନଙ୍କୁ ଅଣଦେଖା କରି କେବଳ ନିର୍ବାଚନ ସମୟରେ ଆସିବା, ଦଳୀୟ ଲୋକଙ୍କ ସମସ୍ୟାକୁ ଠିକ ଭାବେ ପ୍ରଶାସନିକ ସ୍ତରରେ ଉଠା ନ ଯିବା, ସର୍ବୋପରି ବିଧାନସଭା ନିର୍ବାଚନ ପରେ ନେତୃବୃନ୍ଦ କର୍ମୀଙ୍କୁ ଦେଖା ନ ଦେବା କାରଣରୁ ସେ ଦଳରୁ ଇସ୍ତଫା ଦେଇଛନ୍ତି ବୋଲି ପ୍ରକାଶ କରିଛନ୍ତି। ଆଗକୁ ସେ ରାଜନୀତିରେ ସକ୍ରିୟ ରହିବେ ବୋଲି ସୂଚନା ଦେଇଛନ୍ତି। ସୂଚନା ଥାଉକି, ପଣ୍ଡା ଦୀର୍ଘ ୩୫ବର୍ଷ ଧରି କଂଗ୍ରେସ ଦଳର ଜଣେ ସକ୍ରିୟ କର୍ମୀ ଭାବେ କାର୍ଯ୍ୟ କରୁଥିଲେ।

## ଶିକ୍ଷାବିତ୍‌ଙ୍କ ସ୍ମୃତିଚାରଣ ସଭା


ସ୍ମୃତିଚାରଣ ସଭାରେ ଉପସ୍ଥିତ ଅତିଥିମାନେ।

ବନ୍ତ,୫।୯(ହରି ନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ଟିଲୋ ତ୍ରିକୋଣା ଗ୍ରାମର ଶିକ୍ଷାବିତ୍ ଦୈତାରୀ ଚରଣ ପାତ୍ରଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ପଦ୍ମଲୋଚନ ଧଳଙ୍କ ସଭାପତିତ୍ୱରେ ସଭାରେ ଭାଜପା ନେତା ଡ. ସୁଧାଂଶୁ ଶେଖର ନାୟକ, ଶିଶୁ ସାହିତ୍ୟିକ ଗୋବିନ୍ଦ ଚନ୍ଦ୍ର ବାରିକ, ଗାୟକ ପିତାମ୍ବର ପଣ୍ଡା, ଶିକ୍ଷାବିତ୍ ଜଗନ୍ନାଥ ପାତ୍ର, କୃଷ୍ଣ ଚନ୍ଦ୍ର ପରିଡ଼ା, ମାୟାଧର ପାତ୍ର, ଭାସ୍କର ଚନ୍ଦ୍ର ପାଢ଼ୀ, ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଖଗେଶ୍ୱର ପଣ୍ଡା, ସାମାଜିକ କର୍ମୀ ସୁଧାକର ଧଳ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପାତ୍ର ଏକାଧାରରେ ଜଣେ ଶିକ୍ଷାବିତ୍, ସାମାଜିକ କର୍ମୀ ଓ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ଅଲେଖ ଚନ୍ଦ୍ର ନାୟକ, ବିଦ୍ୟାଧର ପଣ୍ଡା, ରଘୁନାଥ ଦାସ, ପ୍ରଫୁଲ୍ଲ ରାଉତ, ହୃଷିକେଶ ଗିରି, ଶ୍ରୀକାନ୍ତ ପଣ୍ଡା, ଉଦୟନାଥ ପଣ୍ଡା, ଭାଗୀରଥି ପାଢ଼ୀ, ଅନାମ ଚରଣ ବେହେରା, ରବିନ୍ଦ୍ର ଜେନା, ଦାମୋଦର ସାହୁ, ପ୍ରଦ୍ୟୁମ୍ନ ପଣ୍ଡା, ସଞ୍ଜୟ ପ୍ରଧାନ, ନିତ୍ୟାନନ୍ଦ ଜେନାଙ୍କ ସମେତ ପରିବାରର ବାସନ୍ତୀ ପାତ୍ର ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗତ ପାତ୍ରଙ୍କ ଫଟୋ ଚିତ୍ରରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପରିବାରବର୍ଗ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ମଞ୍ଜୁରୀ ଶାରଦା ବିଦ୍ୟାମନ୍ଦିରରେ ଗୁରୁଦିବସ

ଭଣ୍ଡାରିପୋଖରୀ,୫।୯(ରାଜେନ୍ଦ୍ର ଶତପଥୀ)


ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭଣ୍ଡାରିପୋଖରୀ ବ୍ଲକ ଅଧୀନ ମଞ୍ଜୁରୀ ଶାରଦା ବିଦ୍ୟାମନ୍ଦିରରେ ଗୁରୁଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ନିର୍ମଳ ଚନ୍ଦ୍ର ସେନାପତିଙ୍କ ପୌରହିତ୍ୟରେ ଓ ଗୁରୁମା ଦମୟନ୍ତୀ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବକୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରୀତିକାନ୍ତ ରାଉତ ଉଦ୍‌ଘାଟନ କରି ଗୁରୁ–ଶିଷ୍ୟ ପବିତ୍ର ସମ୍ପର୍କରେ ଆଲୋକପାତ କରିଥିଲେ। ରାଉତଙ୍କୁ ମାନପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଗୁରୁଜୀ ପ୍ରଦ୍ୟୁମ୍ନ ନାୟକ ଅତିଥି ପରିଚୟ, ଗୁରୁମା ଜ୍ୟୋତିରାଣୀ ରାଉତ ମାନପତ୍ର ପାଠ କରିଥିବା ବେଳେ ଗୁରୁମା ସବିତା ରାଉତ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଗୁରୁମା ଗୁରୁଜୀମାନେ ପରିଚାଳନା କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ସହ ଜଳସମ୍ପଦ ସମସ୍ୟା ସମ୍ପର୍କରେ ଆଲୋଚନା

ଭଣ୍ଡାରିପୋଖରୀ,୫।୯(ରାଜେନ୍ଦ୍ର ଶତପଥୀ)


ମୁଖ୍ୟମନ୍ତ୍ରୀଙ୍କ ସହ ପୂର୍ବତନ ଜିଲା ସଭାପତି ଆଲୋଚନା କରୁଛନ୍ତି।

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଅଞ୍ଚଳରେ ଥିବା ଜଳସମ୍ପଦ ବିଭାଗର ବିଭିନ୍ନ ସମସ୍ୟା ସମ୍ପର୍କରେ ଭାଜପାର ପୂର୍ବତନ ଜିଲା ସଭାପତି ଅକ୍ଷୟ କୁମାର ସାହୁ ବୁଧବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବିଧାନସଭା ପ୍ରକୋଷ୍ଠରେ ବ୍ଲକ୍‌ର ବିଭିନ୍ନ ଅଞ୍ଚଳ ପାଇଁ ବନ୍ୟା ସମୟରେ ବିପଦ ସାଜୁଥିବା 'କଣ୍ଟିଘାଇ' ସମସ୍ୟା, ଜଳ ନିଷ୍କାସନ ଓ ସେଚାଞ୍ଚଳ କାର୍ଯ୍ୟରେ ଅବ୍ୟବସ୍ଥା ଓ କାଡ଼ା ବିଭାଗ ଦୁର୍ନୀତି ବିଷୟରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ବ୍ୟତୀତ ୩ ନମ୍ବର ହାଇ ଲେବେଲ କେନାଲରୁ ବାହାରିଥିବା ବିଭିନ୍ନ ଶାଖା ଓ ମାଇନର କେନାଲରେ ଜଳ ଯୋଗାଣ ଓ ରାସ୍ତା ନିର୍ମାଣରେ ଥିବା ଅବ୍ୟବସ୍ଥା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ଏ ନେଇ ଜଳସମ୍ପଦ ବିଭାଗ ପକ୍ଷରୁ ଅନୁଧ୍ୟାନ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ସାହୁ ସୂଚନା ଦେଇଛନ୍ତି।

## ଜାତୀୟ ସ୍ତରରେ ଖେଳିବେ ଭଦ୍ରକର ଟାଏକୋଣ୍ଡୋ ଖେଳାଳି ସୁଦୀପ୍ତା

ଭଦ୍ରକ,୫।୯(ସନାତନ ରାଉତ)



ସୁଦୀପ୍ତା ବାରିକ୍

ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନ ଆନୁକୂଲ୍ୟରେ କଟକର ଜବାହାରଲାଲ ନେହେରୁ ଇନଡୋର ଷ୍ଟାଡିୟମ୍‌ରେ ସମ୍ପନ୍ନ ହୋଇଥିବା ରାଜ୍ୟ ସୁପର ସବ୍ ଜୁନିଅର/କ୍ୟାଡେଟ/ଜୁନିଅର/ସିନିଅର କ୍ୟୋରୁଗୀ ଏବଂ ପୁମ୍‌ସେ ଚାମ୍ପିୟାନସିପ–୨୦୨୪ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଭଦ୍ରକ ଜିଲାର ସୁଦୀପ୍ତା ବାରିକ ଜାତୀୟସ୍ତରକୁ ମନୋନୀତ ହୋଇଛନ୍ତି। ଆଗ୍ରାରେ ଚଳିତ ମାସ ୮ତାରିଖରେ ଅନୁଷ୍ଠିତ ହେଉଥିବା ଜାତୀୟ ସ୍ତରର ପ୍ରତିଯୋଗିତାରେ ଭାଗ ନେବେ। ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନର ସମ୍ପାଦକ ମନମୋହନ ଭଞ୍ଜ ଏବଂ ଭଦ୍ରକ ଟ୍ରେନିଂ ସ୍କୁଲର ମୁଖ୍ୟ ପ୍ରଶିକ୍ଷକ ସବ୍ୟସାଚୀ ବେହେରା ତାଙ୍କୁ ଶୁଭକାମନା ଓ ଧନ୍ୟବାଦ ଜଣାଇଛନ୍ତି। ସୁଦୀପ୍ତା ଭଦ୍ରକ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପଢୁଛନ୍ତି। ଶିକ୍ଷାବିତ୍ ପୀତବାସ ବାରିକଙ୍କର ଏକମାତ୍ର ନାତୁଣୀ ତଥା ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟର ଫାଇନାନ୍ସ ଏକ୍ସପର୍ଟ ଭଗବାନ ବାରିକ ଓ ସସ୍ମିତା ବେହେରାଙ୍କର ଏକମାତ୍ର କନ୍ୟା ଅଟନ୍ତି। ସେ ପୂର୍ବରୁ ରାଜ୍ୟସ୍ତରୀୟ ସବ ଜୁନିୟର, କ୍ୟାଡେଟ କ୍ୟୋରୁଗୀ ଓ ପୁମସେ ଚାମ୍ପିୟାନସିପ୍‌ରେ ବାଳିକା ବିଭାଗରେ ଏକାଧିକବାର ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

## ସୁଭଦ୍ରା ଫର୍ମ ପୂରଣ ବାବଦ ଅର୍ଥ ବୃଦ୍ଧି ଦାବି

ଧାମନଗର,୫।୯(ସନ୍ତୋଷ କୁମାର ମହାପାତ୍ର/ ଦେବେନ୍ଦ୍ର ଆନ୍ଦିଆ)


ଜନସେବା କେନ୍ଦ୍ର ମାଲିକ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାରେ ଅନ୍‌ଲାଇନ ଆବେଦନ ମାଗଣା କରିବା ନେଇ ଗାଇଡ୍‌ଲାଇନ ଜାରି କରିଛନ୍ତି। ଅନ୍‌ଲାଇନ ଆବେଦନରେ ୫୦ ରୁ ୬୦ ଟଙ୍କା କ୍ଷତି ସହୁଥିବା ଜନସେବା ଓ ମୋ ସେବା କେନ୍ଦ୍ରର ମାଲିକମାନେ ଅଭିଯୋଗ କରି ଆସୋସିଏଶନ ପକ୍ଷରୁ ଗୁରୁବାର ଭଦ୍ରକ ଜିଲା ଆନନ୍ଦପୁର ବିଡିଓ ବନବିହାରୀ ଦିନ୍ଦା ଓ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ମୁତାବକ, ବ୍ଲକ୍ ଓ ଏନ୍‌ଏସିରେ ୧୪୦ଟି ଜନସେବା କେନ୍ଦ୍ର ଥିବା ବେଳେ ସୁଭଦ୍ରା ଫର୍ମ ଆବେଦନ ପାଇଁ ନାହିଁ ନ ଥିବା ଭିଡ଼ ହେଉଛି। ଜନସେବା କେନ୍ଦ୍ରକୁ ଅନ୍‌ଲାଇନ ଫର୍ମ ପୂରଣ ବାବଦକୁ ହିତାଧିକାରୀ ପିଛା ମାତ୍ର ୧୦ ଟଙ୍କା ସରକାର ଦେବେ। ଏହି ଫର୍ମର ଏକକିତା ନକଲ ଜନସେବା କେନ୍ଦ୍ର ପକ୍ଷରୁ ବ୍ଲକ୍‌ରେ ସିଡିପିଓ ଅଫିସରେ ଦାଖଲ କରିବାକୁ ପଡ଼ିବ। ପ୍ରତ୍ୟେକ ଫର୍ମ ପୂରଣ

### ବିଡିଓଙ୍କୁ ଭେଟିଲେ ଜନସେବା ଓ ମୋ ସେବା କେନ୍ଦ୍ରର ମାଲିକ

ପାଇଁ ପ୍ରିଣ୍ଟିଂ, କାଳି, ପେପର, ଇଲେକ୍ଟ୍ରି ବିଲ, କର୍ମଚାରୀଙ୍କ ଦରମା, ଘରଭଡ଼ା ଆଦି ଖର୍ଚ୍ଚ ରହିଥିବା ବେଳେ ଜଣଙ୍କ ପିଛା ୬୦ ଟଙ୍କାରୁ ଊର୍ଦ୍ଧ୍ୱ ଖର୍ଚ୍ଚ ହେଉଛି। ସରକାର ଏଥିପ୍ରତି ଦୃଷ୍ଟି ଦେଇ ଏହି ରାଶିକୁ ବୃଦ୍ଧି କରିବାକୁ ଜନସେବା କେନ୍ଦ୍ର ମାଲିକ ବିଜୟ ରାଉତ, ଜଇନୁଲ ଆବେଦିନ, ବିଜୟ କେତନ ସାହୁ, ସୌଭାଗ୍ୟ ବେହେରା ଓ କୃପାସିନ୍ଧୁ ସେଠୀ ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି। ବିଡ଼ିଓ ବନବିହାରୀ ଦିଣ୍ଡା ଏ ନେଇ ଜିଲାପାଳଙ୍କ ସହ ଆଲୋଚନା କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ରବୀନ୍ଦ୍ର ଏମ୍‌ପିଙ୍କ ଚମ୍ପୁଆ ପ୍ରତିନିଧି

ଯୋଡ଼ା,୫।୯(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ାର ଭାଜପା ନେତା ରବୀନ୍ଦ୍ର କୁମାର ଦାସଙ୍କ କେନ୍ଦୁଝର ଏମ୍‌ପିଙ୍କ ପ୍ରତିନିଧି ଭାବେ ନୂତନ ଦାୟିତ୍ୱ ମିଳିଛି। ସେ ଚମ୍ପୁଆ ନିର୍ବାଚନ ମଣ୍ଡଳୀରେ ଏମ୍‌ପିଙ୍କ ପ୍ରତିନିଧିଭାବେ କାର୍ଯ୍ୟ କରିବା ପାଇଁ ଏମ୍‌ପି ଅନନ୍ତ ନାୟକ ଅନୁଷ୍ଠାନିକ ଭାବେ ଦାୟିତ୍ୱ ଦେଇଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାରେ କିପରି ଚମ୍ପୁଆ ନିର୍ବାଚନମଣ୍ଡଳବାସୀ ଲାଭାନ୍ୱିତ ହେବେ, ସେ ଦିଗରେ ପ୍ରଚେଷ୍ଟା ଜାରି ରଖିବେ ବୋଲି କହିଛନ୍ତି।

### ଉପଖଣ୍ଡ ଚିକିତ୍ସାଳୟର ଏମ୍‌ପି ପ୍ରତିନିଧି ହେଲେ ଅସୀମା

ଆନନ୍ଦପୁର,୫।୯(ଉମେଶ ଚନ୍ଦ୍ର ପାଢ଼ୀ): କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟର ଏମ୍‌ପି ପ୍ରତିନିଧି ଭାବେ ଜିଲା ପରିଷଦ ସଦସ୍ୟା ଅସୀମା ମିଶ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏ ନେଇ ଏମ୍‌ପି ଅନନ୍ତ ନାୟକ ଆନନ୍ଦପୁର ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି। ଉପଖଣ୍ଡ ଚିକିତ୍ସାଳୟରେ ସୁଧାର ଦିଗରେ ଧ୍ୟାନ ଦେବେ ବୋଲି ଏମ୍‌ପି ପ୍ରତିନିଧି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇଥିଲେ। ନୂତନ ଦାୟିତ୍ୱ ନେବା ପରେ ଆନନ୍ଦପୁରବାସୀ ଓ ଆନନ୍ଦପୁର ପ୍ରେସ ଫୋରମ ପକ୍ଷରୁ ଶୁଭେଚ୍ଛା ଜଣାଇଛନ୍ତି।

### ଶିଆଳ ଆକ୍ରମଣରେ ୨ ଯାଆ ଗୁରୁତର

#### ଶିଆଳକୁ ପିଟି ମାରିଦେଲେ ଲୋକେ

ପାଟଣା,୫।୯(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜ ନିହୁଁଆ ଗ୍ରାମରେ ଶିଆଳ ଆକ୍ରମଣରେ ୨ ଯାଆ ଗୁରୁତର ହୋଇଛନ୍ତି। ଗୁରୁତର ୨ ମହିଳା ଗ୍ରାମର ଅନିରୁଦ୍ଧ ନାଏକଙ୍କ ସ୍ତ୍ରୀ ସୁବାଳି (୪୫) ଓ ମହେନ୍ଦ୍ର ନାଏକଙ୍କ ସ୍ତ୍ରୀ ମମିତା (୩୫)। ସୂଚନା ଅନୁଯାୟୀ, ଗୁରୁବାର ପୂର୍ବାହ୍ନରେ ୨ ଯାଆ ବିଲରେ କାମ ସାରି ଘରକୁ ଫେରୁଥିଲେ। ଏହି ସମୟରେ ପାଖ ଜଙ୍ଗଲରୁ ଏକ ଶିଆଳ ଆସି ପ୍ରଥମେ ମମିତାଙ୍କ ଓଠକୁ କାମୁଡି ଦେଇଥିଲା। ସୁବାଳି ଶିଆଳକୁ ଘଉଡ଼ାଇବାକୁ ଚେଷ୍ଟା କରୁଥିବା ସମୟରେ ଶିଆଳ ତାଙ୍କ ହାତକୁ କାମୁଡ଼ି ଦେଇଥିଲା। ଉଭୟ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଅନ୍ୟପକ୍ଷେ ଉତ୍ତ୍ୟକ୍ତ ଲୋକେ ଶିଆଳକୁ ପିଟି ପିଟି ମାରିଦେଇଥିବା ଜଣାପଡ଼ିଛି।

### ଶିଶୁ ବିଦ୍ୟାମନ୍ଦିରରେ ଗୁରୁ ଦିବସ

ଯୋଡ଼ା,୫।୯(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା କୁନ୍ଦୁରୁନାଲା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁଦିବସ ପାଳିତ ହୋଇଯାଇଛି। ବିଦ୍ୟାମନ୍ଦିରର ପ୍ରଧାନ ଶିକ୍ଷକ ଭଗବାନ ବର୍ଦ୍ଧନଙ୍କ ଅଧ୍ୟକ୍ଷତାରେ ଅତିଥିଭାବେ ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ଅଜୟ ଗୋପାଳ ଦାଶ, କୋଷାଧ୍ୟକ୍ଷ ବସନ୍ତ ବେହେରା ଓ ସଦସ୍ୟା ପଦ୍ମିନୀ ପାତ୍ର ଯୋଗଦେଇ ଗୁରୁ ଦିବସ ପାଳନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ରୁଆଧାନରେ ମାଡ଼ିଗଲା ଡ୍ୟାମ୍‌ପାଣି

## ଅଭିଯୋଗ ପରେ ବି ଜଳ ସମ୍ପଦ ବିଭାଗ ଶୁଣୁନି

ଛେନାପଦି,୫।୯(ନିରାକାର ପରିଡ଼ା)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଢେଙ୍କା ପଞ୍ଚାୟତ ପୁରୁଣାପାଣି(କାଳିଆମ୍ବ) ଗ୍ରାମରେ ଥିବା ଚେକ୍ ଡ୍ୟାମ୍ ନିକଟ ଧାନ କ୍ଷେତରେ ଡ୍ୟାମ୍‌ପାଣି ମାଡ଼ିଯାଇଛି। ଫଳରେ ୮ ରୁ ୯ ଏକର ଧାନକ୍ଷେତ ପାଣିରେ ବୁଡ଼ି ନଷ୍ଟ ହୋଇଯାଇଛି। ଏ ନେଇ ଚାଷୀ ଜଳସମ୍ପଦ ବିଭାଗକୁ ଅବଗତ କରିଥିଲେ ମଧ୍ୟ କୌଣସି ଫଳ ମିଳି ନ ଥିବା ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ, ଦୀର୍ଘ ୫୫ବର୍ଷ ପୂର୍ବେ ହଦଗଡ଼ ଡ୍ୟାମ ନିର୍ମାଣ ବେଳେ ଉପାନ୍ତ ଅଞ୍ଚଳ ତଥା ଅଭୟାରଣ୍ୟ ମଧ୍ୟରେ ରହିଥିବା ମଲ୍ଲିପଶି ଗ୍ରାମବାସୀଙ୍କୁ ବିସ୍ଥାପିତ କରି ପୁରୁଣାପାଣି(କାଳିଆମ୍ବ)ଠାରେ ଥଇଥାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ସରକାର ଚାଷବାସ ନିମନ୍ତେ କିଛି ପଟ୍ଟାଭୁକ୍ତ ଜଙ୍ଗଲଜମି ପ୍ରଦାନ କରିଥିଲେ। ଉକ୍ତ ପଟ୍ଟାଭୁକ୍ତ ଜଙ୍ଗଲଜମିରେ ସେମାନେ ଚାଷ କରି ଆସୁଛନ୍ତି। ଚଳିତବର୍ଷ ଡ୍ୟାମ ମଧ୍ୟରେ ଅତ୍ୟଧିକ ବର୍ଷାଜଳ ଜମି ରହିବା ଏବଂ ଜଳ ତଳ ଭାଗକୁ ନ ଯିବାରୁ ଉପରି ଭାଗରେ ଥିବା ସେମାନଙ୍କ ଚାଷବିଲ ଜଳମଗ୍ନ ହୋଇଯାଇଛି। ରୁଆ ଧାନ ଡ୍ୟାମ ଜଳରେ ବୁଡ଼ି ନଷ୍ଟ ହୋଇଯାଇଛି। କାଳିଆମ୍ବ ଗ୍ରାମବାସୀ ଉକ୍ତ ଡ୍ୟାମଜଳ ଦ୍ୱାରା ଧାନଚାଷ କରିବା ସହ ଡ୍ୟାମରେ ମାଛ ଛାଡ଼ିବା ଏବଂ ସେଥିରୁ ମାଛ ଧରି ବିକ୍ରି କରି ଗାଁର ଉନ୍ନୟନ ମୂଳକ କାର୍ଯ୍ୟରେ ବିନିଯୋଗ କରନ୍ତି। କିନ୍ତୁ ପଡ଼ୋଶୀ ସଙ୍ଗମ(ଡଙ୍ଗାଚୁଆ) ଗ୍ରାମର କିଛି ବାସିନ୍ଦା ଡ୍ୟାମର ତଳ ମୁଣ୍ଡରେ ଥିବା ଚେକ ଡ୍ୟାମକୁ ନେଇ ବିଭିନ୍ନ ସମୟରେ ବିଶୃଙ୍ଖଳା ସୃଷ୍ଟି କରି ଜଳ ନିଷ୍କାସନରେ ବାଧା ଉପୁଜାଉଛନ୍ତି। ମାତ୍ର ଚେକ୍ ଡ୍ୟାମଟି କାଳିଆମ୍ବ ସୀମାର ରେକର୍ଡଭୁକ୍ତ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଚେକ୍ ଡ୍ୟାମକୁ ନେଇ ଭବିଷ୍ୟତରେ ଉଭୟ ପକ୍ଷଙ୍କ ମଧ୍ୟରେ ଗଣ୍ଡଗୋଳ ଆଶଙ୍କା ବୃଦ୍ଧି ପାଉଥିବାରୁ ସମସ୍ୟା ସମାଧାନ ନିମନ୍ତେ ଦାବି ହୋଇଛି। କାଳିଆମ୍ବ ବାସିନ୍ଦା ଏ ସଂକ୍ରାନ୍ତରେ ହାଟଡ଼ିହୀ ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟ, ହାଟଡ଼ିହୀ ତହସିଲଦାର, ସୋସୋ ଥାନା ଅଧିକାରୀ ଏବଂ ଆନନ୍ଦପୁର ଉପ ଜିଲାପାଳଙ୍କୁ ଲିଖିତ ଅଭିଯୋଗ ଜଣାଇଛନ୍ତି। ସ୍ଥାନୀୟ ପ୍ରଶାସନ ଏ ସମ୍ବନ୍ଧରେ ପଦକ୍ଷେପ ଗ୍ରହଣ କରି ଜଳ ନିଷ୍କାସନ ଏବଂ କ୍ଷତିପୂରଣ ବ୍ୟବସ୍ଥା କରିବାକୁ ଶୁକଦେବ ବିନିସିଆ, ଅମର ନାଇକ, ଅଜୟ ନାଇକ, ପାଣ୍ଡ ନାଇକ, ଅମିନ ସେନାପତି, ସୁନାରାମ ଗୁଡ୍ଡୁ, ବାଙ୍କୁ ଦଣ୍ଡପାଟ, କଳ୍ପତରୁ ଖଣ୍ଡେଇ, ଭ୍ରମର ନାଇକ, ଶ୍ୟାମ ମାଝୀ, ଚରଣ ନାଇକ ପ୍ରମୁଖ ଦାବି କରିଛନ୍ତି। ଜଳସମ୍ପଦ ଅଧିକାରୀ ମଙ୍ଗତ ବାଙ୍କୀରାଙ୍କୁ ମତାମତ ନିମନ୍ତେ ଯୋଗାଯୋଗ କରାଯାଇଥିବା ବେଳେ ସେ ଫୋନ୍ ରିସିଭ୍ କରି ନ ଥିଲେ।



ପାଣି ମାଡ଼ିଯାଇଥିବା ଧାନକ୍ଷେତରେ ଚାଷୀ।

# ‘ସୁଭଦ୍ରା’ ଆବେଦନର ଶେଷ ତାରିଖ ନାହିଁ: ଜିଲାପାଳ

କେନ୍ଦୁଝର,୫।୯(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ‘ସୁଭଦ୍ରା’ ଯୋଜନାର ସଫଳ କାର୍ଯ୍ୟକାରିତା ନେଇ ସମସ୍ତ ବ୍ୟବସ୍ଥା କରାଯାଇଛି। ବୁଧବାରଠାରୁ ଇ-ପଞ୍ଜୀକରଣ ଆରମ୍ଭ ହୋଇଥିବା ବେଳେ ଅବେଦନର ଶେଷ ତାରିଖ ନାହିଁ। ଏ ନେଇ ସରକାରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ଆବେଦନ ଫର୍ମ ଯୋଗାଇ ଦିଆଯାଇଛି। ଏଭଳି ସ୍ଥିତିରେ ବ୍ୟସ୍ତ ହୋଇ ଆବେଦନକେନ୍ଦ୍ରରେ ଭିଡ଼ ନ ଜମାଇବାକୁ ଗୁରୁବାର ଖବରଦାତା ସମ୍ମିଳନୀରେ ଜିଲାପାଳ ବିଶାଳ ସିଂହ ନିବେଦନ କରିଛନ୍ତି।

ସୂଚନା ଦେଇ କହିଛନ୍ତି, ଜିଲାରେ ଥିବା ଆନୁମାନିକ ସାଢ଼େ ଛ’ ଲକ୍ଷ ହିତାଧିକାରୀଙ୍କ ପାଇଁ ପର୍ଯ୍ୟାପ୍ତ ଫର୍ମ ବଣ୍ଟନ କରାଯାଉଛି। ଫର୍ମ ବ୍ଲକ୍ କାର୍ଯ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର, ମୋ ସେବା କେନ୍ଦ୍ର, ଜନସେବା କେନ୍ଦ୍ର ଓ ପୌରାଞ୍ଚଳ କାର୍ଯ୍ୟାଳୟଠାରେ ଉପଲବ୍ଧ ଅଛି। ଏହାକୁ ପୂରଣ ପରେ ଆଧାର କାର୍ଡ, ମୋବାଇଲ ନମ୍ବର ଓ ବ୍ୟାଙ୍କ ଆକାଉଣ୍ଟ ଆଦି କାଗଜପତ୍ର ନେଇ ନିକଟସ୍ଥ ମୋ ସେବା କେନ୍ଦ୍ର କିମ୍ବା ଜନସେବା କେନ୍ଦ୍ରରେ ‘ସୁଭଦ୍ରା’ ପୋର୍ଟାଲରେ ପଞ୍ଜୀକରଣ କରିବେ। ଏଥି ନିମନ୍ତେ ଇ-କେୱାଇସି ବ୍ୟବସ୍ଥା କରାଯାଇଛି। ଆବେଦନକାରୀଙ୍କୁ କୌଣସି ସ୍ତରରେ ଏଥି ପାଇଁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ସେହିଭଳି ନିଷ୍କ୍ରିୟ ଥିବା ଆଧାର କାର୍ଡଗୁଡ଼ିକରେ ଆବଶ୍ୟକ ପରିବର୍ତ୍ତନ ନିମନ୍ତେ ଆଧାର କେନ୍ଦ୍ରକୁ ଦାୟିତ୍ୱ ଦିଆଯାଇଛି। ସେହିଭଳି ଜିଲାରେ ଅନେକ ସୁଭଦ୍ରା କ୍ୟାମ୍ପ ଖୋଲା ଯାଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ଏହି ସମ୍ବନ୍ଧୀୟ ଅଭିଯୋଗ କିମ୍ବା ମତାମତ ପାଇଁ ଟୋଲ ଫ୍ରି ନମ୍ବର ୧୪୬୭୮ ରେ ଯୋଗାଯୋଗ କରିପାରିବେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ସାଧାରଣ) ମନ୍ଦରଧର ମାହାଳିକ ଓ ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଧା ଗୋସ୍ୱାମୀ ମଧ୍ୟ ଉପସ୍ଥିତ ଥିଲେ।

# ୧୮୫୮ ଜଣଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

## ଜିଲାସ୍ତରୀୟ ଗୁରୁଦିବସ ସମାରୋହ



ଅତିଥିଙ୍କ ଗହଣରେ ପୁରସ୍କୃତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

କେନ୍ଦୁଝର,୫।୯ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲାସ୍ତରୀୟ ଗୁରୁଦିବସ ଉତ୍ସବ ଓ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ ଧରଣୀଧର ବିଶ୍ୱବିଦ୍ୟାଳୟସ୍ଥିତ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଶାଳ ସିଂହ, ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରତାପ ଚନ୍ଦ୍ର ମହାନ୍ତି, ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଆଟକୋ କୁଜୁର, ଜିଲା ଶିକ୍ଷା ଅଧିକାରୀ ଗୌରୀ ନାଏକ, ଜିଲା ମଙ୍ଗଳ ଅଧିକାରୀ ପ୍ରବୀର ଦେଓ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ବାରିକ ଓ ଜିଲା ଶିକ୍ଷା ଏବଂ ପ୍ରଶିକ୍ଷଣ ସଂସ୍ଥାନର ଅଧ୍ୟକ୍ଷା କଲ୍ୟାଣୀ ମାଝୀ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଲାଭ କରିଥିବା ସମସ୍ତ ଛାତ୍ରୀଛାତ୍ର, ପୁରାତନ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ୧୫୩ ଜଣଙ୍କୁ ଜିଲାସ୍ତରୀୟ, ୧୩୨୪ ଜଣଙ୍କୁ ବ୍ଲକ୍‌ସ୍ତରୀୟ, ୩୦୫ ଜଣଙ୍କୁ ଓଡ଼ିଆ ଭାଷାବୃତ୍ତି ପୁରସ୍କାର ଏବଂ ୭୬ ଜଣଙ୍କୁ ମେଧାବୃତ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ମୋ ସ୍କୁଲ ଅଭିଯାନର ଜିଲା ନୋଡାଲ ଅଫିସର ପରମେଶ୍ୱର ମହାନ୍ତ ଓ ଜିଲାର ସମସ୍ତ ବ୍ଲକ୍ ଶିକ୍ଷାଧିକାରୀ ପରିଚାଳନା କରିଥିଲେ। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ଗୁରୁଦିବସ ଉତ୍ସବ ଓ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହର ସିଧା ପ୍ରସାରଣକୁ ଛାତ୍ରୀଛାତ୍ର ଦେଖିଥିଲେ।

# ଅଳିଆ ସଫାକଲେ ଛାତ୍ରୀଛାତ୍ର

ଢେଙ୍କିକୋଟ,୫।୯(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ସର୍ବପୁରାତନ ପ୍ରାଥମିକ ବିଦ୍ୟାଳୟ ଢେଙ୍କିକୋଟ୍ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଗୁରୁଦିବସ ଅବସରରେ ଶିକ୍ଷୟିତ୍ରୀ ମୀନତି ମହାରଣା ଓ ସହକର୍ମୀ ଶିକ୍ଷୟିତ୍ରୀଙ୍କୁ ପୂଜା କରିଛନ୍ତି। ପରେ ଛାତ୍ରୀଛାତ୍ର ଝୁଡି, ଝାଡୁ ଧରି ସ୍ୱଚ୍ଛ ଭାରତ ଅଭିଯାନରେ ଢେଙ୍କିକୋଟ୍ ବଜାରର ଦୋକାନ ସମ୍ମୁଖରେ ଥିବା ଆବର୍ଜନାକୁ ସଫା କରିଥିଲେ। ଦୋକାନ ସମ୍ମୁଖରେ ଡଷ୍ଟବିନ ରଖି ସବୁ ଆବର୍ଜନାକୁ ଦୂରରେ ପକାଇବାକୁ ସଚେତନ କରିଛନ୍ତି। ପ୍ରଥମ ଗୁରୁ ମା’, ଦ୍ୱିତୀୟ ଗୁରୁ ବାପା, ଏବଂ ତୃତୀୟ ଗୁରୁ ଶିକ୍ଷକ। ଏମାନଙ୍କୁ କେବେହେଲା ଅବହେଳା କରିବା ନାହିଁ ବୋଲି ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ।

# ଆୟୁଷ୍ମାନ ଆରୋଗ୍ୟ ଶିବିର ଉଦ୍‌ଘାଟିତ

ଢେଙ୍କିକୋଟ,୫।୯(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ବ୍ୟବସାୟିକ ପେଣ୍ଠସ୍ଥଳି ଢେଙ୍କିକୋଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଭାରତ ସରକାରଙ୍କ ଜନହିତକର ଯୋଜନା ଆୟୁଷ୍ମାନ ଆରୋଗ୍ୟ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ଯୋଗଦେଇ ଫିତା କାଟି ଶିବିରକୁ ଶୁଭାରମ୍ଭ କରିଥିଲେ। ମୁଖ୍ୟ ବକ୍ତାଭାବେ ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡା. ମୁକ୍ତିକାନ୍ତ ନାୟକ, ସମ୍ମାନୀୟ ଅତିଥିଭାବେ ସାମାଜିକ କର୍ମୀ କୂଳମଣି ମଣ୍ଡଳ, ରାମଚନ୍ଦ୍ର ସାହୁ, ଏମ୍‌ପିଙ୍କ ପ୍ରତିନିଧି ଅଖିଳଚନ୍ଦ୍ର ପାତ୍ର ଏବଂ ଢେଙ୍କିକୋଟ ଆୟୁଷ ଡା. ପୂର୍ଣ୍ଣିମି ମହାନ୍ତ, ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଦାନ୍ତ ଡାକ୍ତର ଭାନୁପ୍ରିୟା ବେହେରା, ଚକ୍ଷୁ ସହାୟକ ରୁପାଲୀସ୍ମିତା ସାହୁ ଯୋଗଦେଇଥିବା ବେଳେ ଢେଙ୍କିକୋଟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ପୂର୍ଣ୍ଣଚନ୍ଦ୍ର ବଳ ସଭା ପରିଚାଳନା କରିଥିଲେ। ସଭାରେ ଉପସ୍ଥିତ ଜନସାଧାରଣ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ପରିଦର୍ଶକ ଅରୂପା ସେଠୀ, ଫାର୍ମାଶିଷ୍ଟ ଶିବନାରାୟଣ ସେଠୀ, ଏବଂ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍‌ପି ଅନନ୍ତ ନାୟକ ଓ ଅନ୍ୟମାନେ।

# ଓଡ଼ିଶା ଫୁଟ୍‌ବଲ ଦଳରେ ଆଦିବାସୀ ଛାତ୍ରୀ



କେନ୍ଦୁଝର,୫।୯(ନରେଶ ଚନ୍ଦ୍ର ପଟ୍ଟନାୟକ): ମଧ୍ୟପ୍ରଦେଶର ନିମଚଠାରେ ଜାତୀୟ ୧୪ ବର୍ଷରୁ କମ ବାଳିକା ସବ୍‌ଜୁନିୟର ଫୁଟ୍‌ବଲ ଚାମ୍ପିୟନସିପ୍ ଅନୁଷ୍ଠିତ ହେବ। ଏଥିରେ ଭାଗ ନେଇଥିବା ଓଡିଶା ଦଳରେ କେନ୍ଦୁଝର ଜିଲାର ଜଣେ ଖେଳାଳି ସାମିଲ ହୋଇଛନ୍ତି। ସେ ଯୋଡ଼ା ବ୍ଲକ୍ ଖଣିଖାଦାନ ଅଧୁଷିତ ଜଜାଙ୍ଗ ଗ୍ରାମର ପୂଜା ଓରାମ। ସେ ନବମ ଶ୍ରେଣୀରେ ପଢୁଛନ୍ତି। ସେପ୍ଟେମ୍ବର ୯ ରୁ ୧୧ ପର୍ଯ୍ୟନ୍ତ ଲିଗ୍ ମ୍ୟାଚ ରହିଛି। ବିଜୟୀ ହେଲେ ୨୦ରେ ଫାଇନାଲ ଖେଳିବେ। ସେ ସେପ୍ଟେମ୍ବର ୪ ରେ ଓଡ଼ିଶା ଟିମ ସହିତ ନିମଚି ଯାତ୍ରା କରିଥିବା କୋଚ କୃଷ୍ଣଚନ୍ଦ୍ର ମହାନ୍ତ ସୂଚନା ଦେଇଛନ୍ତି।

# ଗୁରୁଙ୍କ ଆଶୀର୍ବାଦ ନେଲେ ଛାତ୍ରୀଛାତ୍ର

ବଡ଼ବିଲ,୫।୯(ଦେବପ୍ରିୟ ରଣା)

ବଡ଼ବିଲ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ପବିତ୍ର ଗୁରୁଦିବସ ଉତ୍ସବ ପାଳନ କରାଯାଇଛି। ପୂର୍ବାହ୍ନରେ ଦୀପ ପ୍ରଜଳନ ଓ ବନ୍ଦନା ପ୍ରାର୍ଥନା ପରେ ଛାତ୍ରୀଛାତ୍ର ଗୁରୁମଙ୍କ ପାଦ ଧୋଇ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେଇଥିଲେ। ଗୁରୁଦିବସ ବିଷୟରେ ଛାତ୍ରୀଛାତ୍ର ବକ୍ତୃତା ରଖିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିପିନ ବିହାରୀ ଖଣ୍ଡାଇ, ଶିକ୍ଷକ ସୁଦର୍ଶନ ନାଏକ ଓ ପ୍ରସନ୍ନ ମହାନ୍ତ ଶିଶୁଙ୍କୁ ସଫଳତା ନିମନ୍ତେ ଉପାଦେୟ ପରାମର୍ଶ ଦେଇଥିଲେ।

# ସାଧାରଣ ଜ୍ଞାନ ପରୀକ୍ଷା

ଝାରାପଖୋରିଆ,୫।୯(ହରେକୃଷ୍ଣ ଦାସ)- ସାରସକଣା ବ୍ଲକର ଗୋଲାପ ମଣି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ବିଜ୍ଞାନ ଭିତ୍ତିକ ସାଧାରଣ ଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଓସେପା ପ୍ରାୟୋଜିତ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ତରଫରୁ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ସାରସକଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ମଙ୍ଗଲ ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ବ୍ଲକର ବିଭିନ୍ନ ସ୍କୁଲରୁ ପ୍ରାୟ ୨୦୪ ଜଣ ଛାତ୍ର ଅଂଶ ଗ୍ରହଣ କରିଥିଲେ। ବରିଷ୍ଠ ବିଭାଗରେ ୫୦ ଓ କନିଷ୍ଠ ବିଭାଗରେ ୧୫୦ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ସାରସକଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ମଙ୍ଗଲ ସିଂ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁମନ୍ତ କୁମାର ନାଏକ ଏହାକୁ ପରିଚାଳନା କରିଥିଲେ।

# ଦିବ୍ୟାଙ୍ଗଙ୍କୁ ପ୍ରଶିକ୍ଷଣ

ରାଇରଙ୍ଗପୁର,୫।୯(ମାନସ ମହାନ୍ତି)- ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲା ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମିଳିତ ସହଯୋଗରେ ରାଇରଙ୍ଗପୁର ବ୍ଲକ ଏବଂ ପୌରପରିଷଦ ଉଭୟ ଅଞ୍ଚଳ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ରାଇରଙ୍ଗପୁର ବ୍ଲକ ଏବଂ ପୌରପରିଷଦ ଅଞ୍ଚଳର ମୋଟ ୨୧୧ ଜଣ ଦିବ୍ୟାଙ୍ଗଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ସେମାନଙ୍କୁ ଆବଶ୍ୟକ ସହାୟକ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା କହିଛନ୍ତି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦ୍ର ଶେଖର ନାୟକ ଏବଂ ରାଇରଙ୍ଗପୁର ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ସମ୍ବାରୀ ମୁର୍ମୁ ଏବଂ ସୁରେନ୍ଦ୍ର କୁମାର ଭୋଇଙ୍କ ସମେତ ବିଭିନ୍ନ ପଦାଧିକାରୀ ଉପସ୍ଥିତ ଥିଲେ।

# ମୋହରିରଙ୍କ ଅକାଳ ମୃତ୍ୟୁରେ ଖଇରା ତହସିଲ ବନ୍ଦ

ଖଇରା, ୫।୯(ଉତ୍କଳବନ୍ଧୁ ପଣ୍ଡା)- ଖଇରା ତହସିଲରେ କାର୍ଯ୍ୟରତ ଯୁବ ମୋହରିର ନାରାୟଣ ନାୟକ(୫୩)ଙ୍କ ଗୁରୁବାର ସକାଳେ ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ବୁଧବାର ସେ ତହସିଲ ଆସିଥିବା ବେଳେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଗୁରୁତର ହେବାରୁ ସୋର ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଶରୀର ତହସିଲରେ ପହଞ୍ଚିବା ପରେ ତହସିଲାଦାର ଜିତେନ୍ଦ୍ର ମୁର୍ମୁ, ଅତିରିକ୍ତ ତହସିଲଦାର ସନ୍ଦୀପ ଶୁଭଦର୍ଶନ ଧଳଙ୍କ ସମେତ କର୍ମଚାରୀ, ମୋହରିର, ଆଇନଜୀବୀମାନେ ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁରେ ଖଇରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶେଷରେ ଶୋକସଭା ଆୟୋଜନ କରାଯାଇ ଗୋଟିଏ ଦିନ ପାଇଁ କାର୍ଯ୍ୟାଳୟ ବନ୍ଦ ରଖାଯାଇଥିଲା।

# ରାସ୍ତାରୋକୋରୁ ହଟିଲେ ସୁଭଦ୍ରା ହିତାଧିକାରୀ

ଭୋଗରାଇ, ୫।୯(ପ୍ରଦୀପ ଦାସ)

ସୁଭଦ୍ରା ଯୋଜନା ଘୋଷଣା ପରେ ବ୍ୟାଙ୍କ, ପୋଷ୍ଟ ଅଫିସରେ ମହିଳାଙ୍କ ପ୍ରବଳ ଭିଡ଼ ଲାଗିଛି। ସୁଭଦ୍ରା ଯୋଜନା ଗାଇଡଲାଇନ ଅନୁଯାୟୀ ହିତାଧିକାରୀଙ୍କ ଆଧାର କାର୍ଡରେ ନିଜ ମୋବାଇଲ ନମ୍ବର ସଂଯୋଗ ନ ଥିଲେ ଆବେଦନକାରୀ ସୁଭଦ୍ରା ଯୋଜନାର ଲାଭରୁ ବଞ୍ଚିତ ହେବେ ବୋଲି ଦର୍ଶାଯାଇଛି। ଏଭଳି ସ୍ଥିତିରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ହଜାର ହଜାର ମହିଳା ଆଧାରକାର୍ଡ଼ରେ ମୋବାଇଲ ନମ୍ବର ସଂଯୋଗ ନିମନ୍ତେ ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସ ସମ୍ମୁଖରେ ସନ୍ଧ୍ୟାରୁ ତା’ ପରଦିନ ପର୍ଯ୍ୟନ୍ତ ଲମ୍ବାଲାଇନ ଲଗାଇ ମଧ୍ୟ ନିରାଶ ହେଉଛନ୍ତି। ଭୋଗରାଇ ଦେହୁର୍ଦ୍ଧା ପୋଷ୍ଟ ଅଫିସରେ ଦୈନିକ ୫୦ ହିତାଧିକାରୀଙ୍କ ଆଧାରରେ ମୋବାଇଲ ନମ୍ବର ସଂଯୋଗ ପାଇଁ ଟୋକନ ଦିଆଯାଉଥିବା ବେଳେ ସହସ୍ରାଧିକ ମହିଳା ସେଠାରୁ ନିରାଶ ହୋଇ ଫେରିଥିଲେ। ଏଥିରେ ଅସନ୍ତୋଷ ପ୍ରକାଶ କରି ଗୁରୁବାର ସକାଳେ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନଂ. ରାଜ୍ୟ ରାଜପଥ ଥାନାଛକସ୍ଥିତ ଦେହୁର୍ଦ୍ଧା ପୋଷ୍ଟ ଅଫିସ ସମ୍ମୁଖରେ ଶତାଧିକ ମହିଳା ୧ ଘଣ୍ଟା ରାସ୍ତାରୋକୋ କରିଥିଲେ। ଖବର ପାଇ ଭୋଗରାଇ ତହସିଲଦାର ହିମାଂଶୁ ଶେଖର ଗିରି ପହଞ୍ଚି ରାସ୍ତା ଅବରୋଧ କରିଥିବା ମହିଳାଙ୍କୁ ଭୋଗରାଇରେ ୩୩ଟି ମୋ ସେବା ଓ ଜନସେବା କେନ୍ଦ୍ରରେ ନିଜର ଆଧାର ସଂଶୋଧନ କରିନେବାକୁ ପରାମର୍ଶ ଦେବା ପରେ ଆନ୍ଦୋଳନକାରୀମାନେ ରାସ୍ତାରୋକୋରୁ ହଟିଥିଲେ। କୌଣସି ସେବା କେନ୍ଦ୍ର ସୁଭଦ୍ରା ଯୋଜନା ଆବେଦନ ଫର୍ମରୁ ଟଙ୍କା ଆଦାୟ କିମ୍ବା ସେଣ୍ଟର ନ ଖୋଲିବା ଅଭିଯୋଗ ଆସିଲେ ସେମାନଙ୍କର ସେଣ୍ଟର ରଦ୍ଦ କରାଯିବ ବୋଲି ତହସିଲଦାର ସୂଚନା ଦେଇଥିଲେ।

# ବେଆଇନ ଗୁଟ୍‌ଖା କାରବାର ବଢୁଛି

## କେନ୍ଦୁଝର ଜିଲା ମୁଖ୍ୟାଳୟ

## ପୌରପାଳିକା, ପୋଲିସ ପ୍ରଶାସନ ପକ୍ଷରୁ ଚଢ଼ାଉ ହେଉନି

କେନ୍ଦୁଝର,୫।୯(ଦୀପକ ମିଶ୍ର)

କେନ୍ଦୁଝର ଜିଲା ମୁଖ୍ୟାଳୟରେ ବେଆଇନ ଗୁଟ୍‌ଖା କାରବାର ବୃଦ୍ଧି ପାଉଛି। ତଦାରଖ ଅଭାବରୁ ନକଲି ଗୁଟ୍‌ଖା ବଜାରରେ ଉପଲବ୍ଧ ହେଉଛି। ଏହାକୁ ସେବନକରି ଲୋକେ ରୋଗଗ୍ରସ୍ତ ହେଉଛନ୍ତି। ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ବର୍ଷକୁ ଥରେ ୨ ଥର ନାମକୁ ମାତ୍ର ଚଢ଼ାଉକରି ଛୋଟ ଦୋକାନୀଙ୍କଠାରୁ ଜରିମାନା କରି ନିଜ ଦାୟିତ୍ୱ ସମ୍ପାଦନ କରୁଛନ୍ତି। ମାତ୍ର ସରକାରଙ୍କ ଜିଏସ୍‌ଟି ଫାଙ୍କି ବାହାର ରାଜ୍ୟରୁ ବେଆଇନ ଭାବରେ ବଡ଼ ଟ୍ରକ୍‌ରେ ଗୁଟ୍‌ଖା ଆଣି ବିଭିନ୍ନ ଏଜେନ୍ସି ଜରିଆରେ ଲୁଚାଛପା ବିକ୍ରି କରାଯାଉଛି। ପୌର ପ୍ରଶାସନ ଓ ପୋଲିସ ପକ୍ଷରୁ ଚଢ଼ାଉରେ ଢିଲା କାରଣରୁ ବହୁ ମାତ୍ରାରେ ରାଜସ୍ୱହାନି ହେଉଛି।

ସୂଚନା ଅନୁଯାୟୀ, ସହରର ଧାଙ୍ଗରପଡ଼ା, ବଡ଼ହଳ, କୃଷକବଜାର, ଜାମୁହତା ଆଦି ଅଞ୍ଚଳରେ ବେଆଇନ କାରବାର ଅଧିକ ହେଉଛି। ନିକୋଟିନ୍‌ଯୁକ୍ତ ବେଆଇନ କାରବାର ତଥା ନକଲି ଗୁଟ୍‌ଖାର ପ୍ରଚଳନ ଯୋଗୁ ଲୋକଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗୁଡୁଛି। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଧ୍ୟ ଯାଞ୍ଚ କରାଯାଉନାହିଁ। ପୋଲିସ ବିଭାଗ ମଧ୍ୟ ତଥ୍ୟ ସଂଗ୍ରହକରି ବେଆଇନ ଗୁଟ୍‌ଖା ଗୋଦାମଘର ଉପରେ ଚଢ଼ାଉକରୁ ନ ଥିବାରୁ ବେଆଇନ କାରବାର ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ନିକଟରେ ବହୁଳ ମାତ୍ରାରେ ଗୁଟ୍‌ଖା ମିଳୁଥିବା କଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ। ଏଥିସହ ଜିଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମେତ ଶିକ୍ଷାନୁଷ୍ଠାନ ଓ କୋର୍ଟ କଚେରିଗୁଡ଼ିକ ତମାଖୁମୁକ୍ତ ଅଞ୍ଚଳ ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ୨୦୧୩ ଜାନୁୟାରୀରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ବିଧିବଦ୍ଧ ବିଜ୍ଞପ୍ତି ଜାରି କରି ଗୁଟ୍‌ଖା ଓ ନିକୋଟିନ୍‌ଯୁକ୍ତ ପାନ ମସଲା ପ୍ରସ୍ତୁତ, ବିକ୍ରୟ, ବିପଣନ ଓ ସେବନ ଉପରେ କଟକଣା ଲଗାଇଥିଲେ। ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ସ (ପ୍ରୋହିବିସନ ଆଣ୍ଡ ରେଷ୍ଟ୍ରିକ୍ସନ ଅନ୍ ସେଲ୍ସ) ରେଗୁଲେଶନ ଆଧାରରେ ଓଡ଼ିଶା ସରକାର ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏଭଳି ଆଇନ ଲାଗୁ କରିଥିଲେ। ପୋଲିସ ଇନ୍ସପେକ୍ଟର ଓ ଫୁଡ୍ ଇନ୍ସପେକ୍ଟର ସେମାନଙ୍କ ନିଜ ନିଜ ଅଞ୍ଚଳରେ ଗୁଟ୍‌ଖା ଓ ପାନମସଲା ନିଷିଦ୍ଧ ବ୍ୟବସ୍ଥାର ପ୍ରତିପାଳନ ଲାଗି ସ୍ୱତନ୍ତ୍ର ବିଜ୍ଞପ୍ତି ବଳରେ କ୍ଷମତା ପ୍ରଦାନ କରାଯାଇଛି। ଗୁଟ୍‌ଖା ନିଷେଧ ଆଇନ ଲାଗୁ ହେବା ପରେ ମଧ୍ୟ ବ୍ୟବସାୟୀମାନେ ଖୁଲମଖୁଲା ଗୁଟ୍‌ଖା ବିକ୍ରି କରୁଛନ୍ତି। ତେଣୁ ନିୟମିତ ବ୍ୟବଧାନରେ ଚଢ଼ାଉ କରିବା ସହ କେନ୍ଦୁଝର ସହରର ବିଭିନ୍ନ ସ୍ଥାନରେ ଚୋରାରେ ଡିପୋକରି ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କ ଉପରେ ଦୃଢ଼ ପଦକ୍ଷେପ ନେବାକୁ ଦାବି ହୋଇଛି। କେନ୍ଦୁଝର ଉପଖଣ୍ଡ ପୋଲିସ ଅଧିକାରୀ ମହେନ୍ଦ୍ର ମୁର୍ମୁ କହିଛନ୍ତି, ବିଭିନ୍ନ ସମୟରେ ଚଢ଼ାଉ କରାଯାଉଛି। ଖୁବ୍‌ଶୀଘ୍ର ବେଆଇନ ଗୁଟ୍‌ଖା ଓ ପଲିଥିନ ଉପରେ ଚଢ଼ାଉ କରାଯିବ ବୋଲି କହିଥିଲେ।

# ଗୋଚରଜମି, ଜନବସତିରେ କୁକୁଡ଼ା ଫାର୍ମ ନେଇ ଅସନ୍ତୋଷ

## ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗପତ୍ର ପଠାଇଲେ ଗ୍ରାମବାସୀ

ଜଳେଶ୍ୱର, ୫।୯(ନବୀନ ସାହୁ)

ବେଆଇନ ଜମି ଜବରଦଖଲକାରୀଙ୍କ ବିରୋଧରେ ସରକାରଙ୍କ ତରଫରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଶ୍ୟାମନଗର ପଞ୍ଚାୟତ ବେଗୁନିଆ ମୌଜା କୁଶଗଡ଼ ଗ୍ରାମରେ ଥିବା ଏକ ଗୋଚର ଜମି ଓ ଜନବସତି ମଧ୍ୟରେ କୁଶୁଗଡ଼ରେ ଥିବା ଫାଣ୍ଡି ସମ୍ମୁଖରେ କୁକୁଡା ଫାର୍ମ ନିର୍ମାଣ କରାଯାଇଛି। ଫଳରେ ଅସହ୍ୟ ଦୁର୍ଗନ୍ଧ ମଧ୍ୟରେ ଲୋକେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ପ୍ରଦୂଷଣ ବୋର୍ଡ଼ ତରଫରୁ ଜନବସତି ଭିତରେ କୌଣସି ଫାର୍ମ ନିର୍ମାଣ ହୋଇପାରିବ ନାହିଁ ଏବଂ କେଉଁ ବିଭାଗ ଗୋଚର ଜମିରେ ଫାର୍ମ ନିର୍ମାଣ ପାଇଁ ଅନୁମତି ଦେଲା ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଶ୍ୟାମନଗର ପଞ୍ଚାୟତ ବେଗୁନିଆ ମୌଜା କୁଶଗଡ଼ ଗ୍ରାମରେ ଖାତା ନମ୍ବର ୧୦୭୮ ଓ ଖସଡ଼ା ନମ୍ବର ୩୬୬୨ ଗୋଚର ଜମିକୁ ଗ୍ରାମର ଜଣେ ବ୍ୟକ୍ତି ଜବରଦଖଲ କରି ପକ୍କା ଘର ନିର୍ମାଣ କରିବା ସହକୁ କୁକୁଡ଼ା ଫାର୍ମ ନିର୍ମାଣ କରିଛନ୍ତି। ଏହି କୁକୁଡ଼ା ଫାର୍ମ ଏକ ଗୋଚର ଜମି ଉପରେ ହୋଇଥିଲେ ମଧ୍ୟ ଏଠାକୁ ବିଦ୍ୟୁତ ସଂଯୋଗ ଦିଆଯାଇଛି। ସରକାରଙ୍କ ନିୟମ ଅନୁଯାୟୀ କୌଣସି ଗୋଚର ସରକାରୀ ଜମିରେ ବିଦ୍ୟୁତ୍ ଦିଆଯାଇପାରିବ ନାହିଁ। ଏନେଇ ହାତୀଗଡ଼ ବିଦ୍ୟୁତ୍ ବିଭାଗ କନିଷ୍ଠଯନ୍ତ୍ରୀ ଭୁବନ ସାହୁଙ୍କୁ ପଚାରିବାରୁ ସେ କହିଥିଲେ ଗୋଚର ଜମିରେ କିପରି ଭାବେ ସଂଯୋଗ ହୋଇଛି ଏ ବାବଦରେ ମୋତେ ଜଣାନାହିଁ ଯଦି ସେହିଭଳି ହେଉଥିବା ମୁଁ ତାହା ତଦନ୍ତ କରି ପଦକ୍ଷେପ ନେବି। ଏହି କୁକୁଡ଼ା ଫାର୍ମ ଯୋଗୁ ଦୁର୍ଗନ୍ଧରେ ନାକ ଫାଟିଯାଉଛି ଓ ଆଖପାଖରେ ବାସ କରୁଥିବା ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏନେଇ ଗ୍ରାମର ଗ୍ରାମବାସୀ ଶଙ୍କର ହେମ୍ବ୍ରମ, ସୁବାଷ ହେମ୍ବ୍ରମ, ସଞ୍ଜୀବ କୁମାର ବେହେରା, ବୀଣା ବେହେରା, ବରେନ୍ଦ୍ର ହେମ୍ବ୍ରମ, ରବିନ୍ଦ୍ର ହେମ୍ବ୍ରମ, ଦିଲୀପ ବେହେରା, ହୃଷିକେଶ ପାତ୍ର, ରାଜୀବ ବେହେରା, ଲକ୍ଷ୍ମୀକାନ୍ତ ବେହେରା, ଲକ୍ଷ୍ମଣ ଟୁଡ୍ଡୁ, ପରେଶ ବେହେରା ସହିତ ଶତାଧିକ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଅଭିଯୋଗ ପତ୍ର ପଠାଇଛନ୍ତି। ଏହି ଦାବିପତ୍ରର ନକଲ ଜଳେଶ୍ୱର ତହସିଲଦାର, ବାଲେଶ୍ୱର ଉପଜିଲାପାଳ ଓ ଜିଲାପାଳଙ୍କୁ ମଧ୍ୟ ଗୁହାରି କରିଛନ୍ତି। ଏ ନେଇ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତିଙ୍କୁ ପଚାରିବାରୁ ସେ କହିଥିଲେ, ଯଦି ଗୋଚର ଜମିରେ ହୋଇଥିବ କିଏ ତାଙ୍କୁ ଅନୁମତି ଦେଲା ସେ କେବେ ଅନୁମତି ନେଲେ ଏ ନେଇ ପୁଙ୍ଖାନୁପୁଙ୍ଖ ତଦନ୍ତ ହେବ।

